# ଉଗାଦି ମହୋତ୍ସବ ପାଇଁ ରାୟଗଡ଼ା ସହର ଚଳଚଞ୍ଚଳ

- ଯୋଗଦେଲେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ
- ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ, ଲୋକକଳା ନୃତ୍ୟ ମୁଖ୍ୟ ଆକର୍ଷଣ

**ରାୟଗଡ଼ା, ୧୯।୩ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହରରେ ତେଲୁଗୁ ସମ୍ପ୍ରଦାୟର ଉଗାଦି ମହୋତ୍ସବ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ମନମୋହନ ସାମଲ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଉପ ସଭାପତି କୋଦୁରୁ ନାରାୟଣ ରାଓ ପ୍ରମୁଖ ଯୋଗଦେଇଥିଲେ।

ଗୁରୁବାର ଅପରାହ୍ନରେ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ନିକଟରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ବିରାଟ ପଟୁଆରରେ କଳସଯାତ୍ରା ଖଲିଗୁଡ଼ାସ୍ଥିତ ଉଗାଦି ପଡ଼ିଆ ଅଭିମୁଖେ ବାହାରିଥିଲା। ପୂଜାର୍ଚ୍ଚନା ସମୟରେ ଉଗାଦି ମହୋତ୍ସବର ଆବାହକ ୟାଲା ଭେଙ୍କଟେଶ୍ୱର ରାଓ (କୋଣ୍ଡାବାବୁ), ଭାଜପା ରାୟଗଡ଼ା ଜିଲା ପ୍ରଭାରୀ ତଥା ରାଜ୍ୟ ଉପସଭାପତି କୋଦୁରୁ ନାରାୟଣ ରାଓ, ଜିଲା ସଭାପତି ଗୋପି ଆନନ୍ଦ, କାଶୀ ନାଇଡୁ, ଧନପତି ପୃଥୀ, ମଣିରତ୍ନମ ପ୍ରମୁଖ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ, ଲୋକକଳା ନୃତ୍ୟ ମୁଖ୍ୟ ଆକର୍ଷଣ ଥିଲା। ଶୋଭାଯାତ୍ରାରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ଥିଲେ। ଏହି ଅବସରରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆନ୍ଧ୍ରପ୍ରଦେଶରୁ ଆସିଥିବା କଳାକାର ସଙ୍ଗୀତ ପରିବେଷଣ କରିଥିଲେ । ଟଲିଉଡ୍ ହୀରୋଇନ ବୈଷ୍ଣବୀ ଚୈତନ୍ୟା, ସାଇ ପ୍ରବୀଣ ବ୍ୟାଣ୍ଡ, କଣ୍ଠଶିଳ୍ପୀ ସ୍ୱାରାଗ କୀର୍ତ୍ତନ, ସଦାମ ଗ୍ରୁପ୍ ପ୍ରମୁଖ ୨ ଦିନ ଧରି ସଙ୍ଗୀତ ଏବଂ ନୃତ୍ୟ ପିରବେଷଣ କରିବେ। ଉଗାଦି ମହୋତ୍ସବ କାର୍ଯ୍ୟକ୍ରମରେ ପ୍ରବଳ ଜନସମାଗମ ହେବାର ଦୃଷ୍ଟିରେ ରଖି ଉଗାଦି କମିଟି ତରଫରୁ ବ୍ୟାପକ ଆୟୋଜନ କରାଯାଇଛି। ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି ଉଗାଦି କମିଟିର ଆବାହକ ୟାଲା ଭେଙ୍କଟେଶ୍ୱର ରାଓ ପ୍ରକାଶ କରିଛନ୍ତି । ଉଗାଦି ମହୋତ୍ସବରେ ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସାମିଲ ହୋଇ ମହୋତ୍ସବକୁ ସାଫଲ୍ୟ ମଣ୍ଡିତ କରିବା ସହ ମନୋରଞ୍ଜନ କାର୍ଯ୍ୟକ୍ରମର ଭରପୂର ଆନନ୍ଦ ଉଠାଇବା ପାଇଁ ନିବେଦନ କରିଛନ୍ତି ।


କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।


ଶୋଭାଯାତ୍ରାରେ ସାମିଲ ହୋଇଥିବା ବିଭିନ୍ନ ବେଶଧାରୀ।

# ମ୍ୟାଲେରିଆରେ ସିଆରପିଏଫ୍ ଯବାନଙ୍କ ମୃତ୍ୟୁ

**ରାୟଗଡ଼ା, ୧୯।୩ (ଆଶିଷ ରଞ୍ଜନ ପଣ୍ଡା)**

ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଜଣେ ସିଆର୍‌ପିଏଫ୍ ଯବାନଙ୍କ ଗୁରୁବାର ମୃତ୍ୟୁ ଘଟିଛି। ମୃତ ଯବାନ ହେଲେ ରାୟଗଡ଼ାସ୍ଥିତ ସିଆର୍‌ପିଏଫ୍ ୪ର୍ଥ ବାଟାଲିୟନର ପି. ଭୁବନେଶ୍ୱରନ୍(୫୮)। ତାଙ୍କ ଘର ତାମିଲନାଡୁ କୋଏମ୍ବାଟୁର ଜିଲା ଭାଲାଇଓରଠାରେ। ତେବେ ସେ ମୁନିଗୁଡ଼ା ବ୍ଲକ ଡିମିରିଗୁଡ଼ା ଅଞ୍ଚଳରେ କାର୍ଯ୍ୟରତ ଥିଲେ। ମିଳିଥିବା ସୂଚନା ପ୍ରକାରେ, ଗତ କିଛିଦିନ ହେବ ଭୁବନେଶ୍ୱରନ୍ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ । ବୁଧବାର ସ୍ୱାସ୍ଥ୍ୟାବସ୍ଥା ଅତ୍ୟଧିକ ବିଗିଡ଼ିବା କାରଣରୁ ଅନ୍ୟ ସାଥୀ ଯବାନମାନେ ତାଙ୍କୁ ଗୁରୁବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ଭୁବନେଶ୍ୱରନ୍‌ଙ୍କ ମୃତ୍ୟୁ ଘଟିଛି। ଯବାନଙ୍କ ମୃତ୍ୟୁ ପରେ ସିଆର୍‌ପିଏଫ୍ ୪ର୍ଥ ବାଟାଲିୟନ ରାୟଗଡ଼ାସ୍ଥିତ ମୁଖ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। କମାଣ୍ଡାଣ୍ଟ, ଡେପୁଟି କମାଣ୍ଡାଣ୍ଟଙ୍କ ସମେତ ସମସ୍ତ ଯବାନ ଶୋକ ପ୍ରକାଶ କରିଛନ୍ତି।


ମୃତ ଯବାନ ପି. ଭୁବନେଶ୍ୱରନ୍।

# ଉମେଶ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି

**ରାୟଗଡ଼ା, ୧୯।୩ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା ଭାଜପାର ଯୁବନେତା ଉମେଶ ଖୋସ୍‌ଲାଙ୍କୁ ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ଦାୟିତ୍ୱ ମିଳିଛି। ଏହି ଦାୟିତ୍ୱ ମିଳିବା ପରେ ଭାଜପା ଜିଲା ଯୁବମୋର୍ଚ୍ଚାରେ ଖୁସିର ଲହରି ଖେଳିଯାଇଛି । ଅବିଭକ୍ତ କୋରାପୁଟ ଜିଲାରୁ ଉମେଶଙ୍କୁ ରାଜ୍ୟ ଟିମ୍‌ରେ ସାମିଲ କରିଛନ୍ତି ଯୁବମୋର୍ଚ୍ଚା ରାଜ୍ୟ ସଭାପତି । ଏଥିପୂର୍ବରୁ ଉମେଶ ୨୦୨୨ରୁ ୨୦୨୬ ଫେବୃଆରୀ ପର୍ଯ୍ୟନ୍ତ ଯୁବମୋର୍ଚ୍ଚାର ଜିଲା ସଭାପତି ଦାୟିତ୍ୱରେ ଥିଲେ । ଏହାବ୍ୟତୀତ ୨୦୧୩ରୁ ଜିଲାରେ ଯୁବମୋର୍ଚ୍ଚାରେ ଜଣେ ସକ୍ରିୟ ଯୁବନେତା ଭାବେ କାମ କରି ୨୦୧୪ରେ ଯୁବମୋର୍ଚ୍ଚା ଜିଲା ସମ୍ପାଦକ, ୨୦୧୫ରୁ ୨୦୨୨ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ୨୦୧୯ରୁ ୨୦୨୨ ମାଲକାନଗିରି ଜିଲା ପ୍ରଭାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଉମେଶଙ୍କୁ ରାଜ୍ୟ ଉପସଭାପତି ପଦ ମିଳିବା ପରେ ଭାଜପା ଜିଲା ସଭାପତି ଗୋପୀ ଆନନ୍ଦ, ପୂର୍ବତନ ଜିଲା ସଭାପତି ଶିବ ପଟ୍ଟନାୟକ, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଏସ୍‌ଟି ମୋର୍ଚ୍ଚା କାଳୀରାମ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା, ବରିଷ୍ଠ ଭାଜପା ନେତା ୟାଲା ଭେଙ୍କଟେଶ୍ୱର ରାଓ, ବରିଷ୍ଠ ଆଇନଜୀବୀ ପଦ୍ମନାଭ ଦାଶଙ୍କ ସମେତ ଅନ୍ୟମାନେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।


ଉମେଶ ଖୋସ୍‌ଲା।

# ପଦ୍ମପୁରରେ ହିନ୍ଦୁ ସମ୍ମିଳନୀ


ହିନ୍ଦୁ ସମ୍ମିଳନୀରେ ଯୋଗଦେଇଥିବା ସାଧୁସନ୍ଥ।

**ପଦ୍ମପୁର, ୧୯।୩ (ପ୍ରଶାନ୍ତ କୁମାର କର)**

ପଦ୍ମପୁରସ୍ଥିତ ଶ୍ରୀ ରାଧାକୃଷ୍ଣ ଯୁଗଳ କିଶୋର ମହାପ୍ରଭୁଙ୍କ ଦୋଳଯାତ୍ରା ପଡ଼ିଆଠାରେ ଗୁରୁବାର ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁମ୍ବାଇରୁ ଆସିଥିବା ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଆଚାର୍ଯ୍ୟ ଚିନ୍ମୟ ମିଶନ, ସ୍ୱାମୀ ସତ୍ୟାନନ୍ଦ ଗିରି, ଗଞ୍ଜାମ ବୁଗୁଡ଼ା ବିଶ୍ୱହିନ୍ଦୁ ପରିଷଦର ରାଷ୍ଟ୍ରୀୟ ମାର୍ଗଦର୍ଶକ ମଣ୍ଡଳୀ ସଦସ୍ୟ, ଆଦିତ୍ୟ ବାହିନୀ ରାଜ୍ୟ ଉପାଧ୍ୟକ୍ଷ ତ୍ରିପତି ମହାନ୍ତି, ପୁରୀ ଗୋବର୍ଦ୍ଧନ ମଠର ଆଚାର୍ଯ୍ୟ ନଳିନୀକାନ୍ତ, ଗୁଣପୁର ଅଦ୍ୱୈତ ବେଦାନ୍ତ ଆଶ୍ରମର ଅରୁଣ ନାୟକ ପ୍ରମୁଖ ମୁଖ୍ୟବକ୍ତା ଯୋଗଦାନ କରିଥିଲେ। ରାଷ୍ଟ୍ରୀୟ ନବବର୍ଷ ଅବସରରେ ସକାଳୁ କଳସ ସ୍ଥାପନ ସହ ନବକୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ କରାଯାଇଥିଲା। ପରେ ଶ୍ରଦ୍ଧାଳୁଙ୍କ ଗହଣରେ ମୁମ୍ବାଇ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଆଚାର୍ଯ୍ୟ ଚିନ୍ମୟ ମିଶନ ହିନ୍ଦୁ ସମାଜ ଗଠନରେ ଆଗାମୀ ପିଢ଼ି କିଭଳି ହିନ୍ଦୁଧର୍ମର ସୁରକ୍ଷା ପାଇଁ ମାର୍ଗଦର୍ଶକ ହୋଇପାରିବେ ପରସ୍ପର ପ୍ରତି ବିରୋଧ ଭାବ ଛାଡି ସମସ୍ତେ ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶରେ ବହୁ ସାଧୁସନ୍ଥ, ଜନସାଧାରଣ ଯୋଗଦାନ କରିଥିଲେ।

# ଭାଜପା ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର, ମିଶ୍ରଣ ପର୍ବ

**କଲ୍ୟାଣସିଂହପୁର, ୧୯।୩ (ଦୀପକ କୁମାର ପରିଡ଼ା)**

କଲ୍ୟାଣସିଂହପୁର ବ୍ଲକ୍‌ର ୨ଟି ସ୍ଥାନରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ-୨୦୨୬ ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମାଝୀଗୁଡା (ଶିକରପାଇ) ଭାଜପା ମଣ୍ଡଳ ସଭାପତି ଅନୀଲ କୁମାର ଜାଡିଙ୍କ ନେତୃତ୍ୱରେ ଭାଲୁମାସ୍କାଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିପରି କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ସ୍ଥାନୀୟ କଲ୍ୟାଣମଣ୍ଡପଠାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ହେଉଛି ଭାଜପାର ଏକ ଦେଶବ୍ୟାପୀ ପଦକ୍ଷେପ । ବୁଥ୍‌ଠାରୁ ଆରମ୍ଭକରି ରାଜ୍ୟସ୍ତର ପର୍ଯ୍ୟନ୍ତ ଦଳୀୟ କର୍ମୀମାନଙ୍କୁ ଆଦର୍ଶଗତ ସ୍ୱଷ୍ଟତା, ନେତୃତ୍ୱ ଏବଂ ସଂଗଠନଗତ ଶୃଙ୍ଖଳା ଉପରେ ତାଲିମ ଦେବା କାର୍ଯ୍ୟକ୍ରମର ପ୍ରାଥମିକ ଲକ୍ଷ୍ୟ ବୋଲି ଭାଜପା ନେତା ପ୍ରକାଶ କରିଥିଲେ। ଏହି ଅବସରେ ସ୍ଥାନୀୟ କଲ୍ୟାଣମଣ୍ଡପଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଦାଣ୍ଡିଆସାହିର ପୂର୍ବତନ ୱାର୍ଡମେମ୍ବର ଗୁରୁଦେବ କୌଶଲ୍ୟା, ସୀତାରାମ ହିଆଲଙ୍କ ସହ ବହୁ କର୍ମୀ କଂଗ୍ରେସ ଓ ବିଜେଡି ଛାଡି ଭାରତୀୟ ଜନତା ପାର୍ଟି ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦେଇଥିବା କହିଛନ୍ତି । କାର୍ଯ୍ୟକ୍ରମରେ ପୂର୍ବତନ ମଣ୍ଡଳ ସଭାପତି ରାମରାଓ କାଡ୍ରାକା, ଡି. ଶିବ ଆଚାରୀ, କୃଷ୍ଣ ସାମଲ, କିରଣ କୁମାର, ନିରଞ୍ଜନ ମହାନନ୍ଦିଆ, ସୋମେଶ କୌଶଲ୍ୟାଙ୍କ ସହ କଲ୍ୟାଣସିଂହପୁର ଭାଜପାର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।


ଭାଜପା ନେତାଙ୍କ ସହ ଦଳରେ ଯୋଗଦେଇଥିବା ନୂତନ କର୍ମକର୍ତ୍ତା।

# ରାଷ୍ଟ୍ରୀୟ ନବବର୍ଷରେ ଶୋଭାଯାତ୍ରା


ନବବର୍ଷ ପାଳନ ଅବସରରେ ଆୟୋଜିତ ଶୋଭାଯାତ୍ରା ।

**ଗୁଣପୁର, ୧୯।୩ (ସୁଜାତା ପାଢ଼ୀ)**

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁବାର ହିନ୍ଦୁ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ତଥା ଅନୁଷ୍ଠାନର ପ୍ରଥମ ସମ୍ପାଦକ ୱାଇ. ଗଣପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ହିନ୍ଦୁ ନବବର୍ଷ ପାଳନର ମହତ୍ତ୍ୱ ବିଷୟରେ ମାର୍ଗଦର୍ଶନ କରିଥିଲେ। ଅନୁଷ୍ଠାନର ପ୍ରଧାନାଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ରାଷ୍ଟ୍ରୀୟ ନବବର୍ଷ ପାଳନ ଉଦ୍ଦେଶ୍ୟ ବିଷୟରେ ଶିଶୁଙ୍କୁ ମାର୍ଗଦର୍ଶନ କରିଥିଲେ । ସମ୍ପାଦକ ସୋମନାଥ ଗୌଡ଼ ନିଜର ଅଭିଭାଷଣ ପ୍ରଦାନ କରିଥିବାବେଳେ ସଭାପତି ବି. ଗଜପତି ରାଓ ଉକ୍ତ ଦିବସର ମହାନତା ବିଷୟରେ ଆଶୀର୍ବଚନ ପ୍ରଦାନ କରିଥିଲେ । କୋଷାଧ୍ୟକ୍ଷ ମୀନକେତନ ପଣ୍ଡା, ଆଚାର୍ଯ୍ୟା ଶୁଭଶ୍ରୀ ସାହୁ ସଂଯୋଜନା କରିଥିଲେ । ଶିଶୁମାନେ ରାଷ୍ଟ୍ରୀୟ ନବବର୍ଷ ପାଳନ ଉଦ୍ଦେଶ୍ୟରେ ଘୋଷବାଦ୍ୟ ସହ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ ।

# ୪ର୍ଥ ପ୍ରହର ନାମ ସଙ୍କୀର୍ତ୍ତନ

**ଟିଂକିରି, ୧୯।୩ (ପ୍ରଫୁଲ୍ଲ କୁମାର ବେହେରା)**

କାଶୀପୁର ବ୍ଲକ ଟିଂକିରି ପୁରୁଣା ବ୍ୟାଙ୍କ ସାହିଠାରେ ହିନ୍ଦୁ ନବବର୍ଷ ଅବସରରେ ବିଶ୍ୱଶାନ୍ତି ୪ପ୍ରହର ନାମ ସଙ୍କୀର୍ତ୍ତନ ଗୁରୁବାର ଅନୁଷ୍ଠିତ ହୋଇଛି। ବୁଧବାର ଅପରାହ୍ନରେ ଟିଂକିରି ବଡ ବନ୍ଧରେ ଗଙ୍ଗା ଆବାହନ ପରେ କଳସ ଯାତ୍ରା କରାଯାଇ ଅଧିବାସ ହୋଇଥିଲା। ଗୁରୁବାର ପ୍ରାତଃ ୪ଟାରୁ ନାମ ସର୍ଙ୍କତନ ଆରମ୍ଭ ହୋଇ ଅପରାହ୍ନ ୪ ଟାରେ ନାମ ଶେଷ ହୋଇଥିଲା। ପରେ ଦଧିହାଣ୍ଡି ଭଙ୍ଗାଯାଇ ନଗର ପରିକ୍ରମା ହୋଇଥିଲା। ପୂଜକ ସଞ୍ଜୟ ଷଡଙ୍ଗୀଙ୍କ ନେତୃତ୍ୱରେ ସନ୍ତୋଷ ମହାନ୍ତି, ରାମ ମୋହନ ମହାନ୍ତି, ବୁଲୁ ମିଶ୍ର, ଶଙ୍କର ତ୍ରିପାଠୀ, କାହ୍ନୁ ଚରଣ ବେହେରା ଏବଂ ସାହିର ସମସ୍ତ ମହିଳାମାନେ ସହଯୋଗ କରିଥିଲେ।

# ଟିଂକିରିରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

**ଟିଂକିରି, ୧୯।୩ (ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିଂକିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପୁଷ୍ପକେତୁ ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁବାର ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ କଳାହାଣ୍ଡି ସଂଘର ପ୍ରାନ୍ତ ସଞ୍ଚାଳକ ଆର ଚକ୍ରଧର ରାଓ ଯୋଗଦେଇ ଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଶିଶୁ ମନ୍ଦିରଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ପୁଷ୍ପକେତୁ ସାହୁଙ୍କ ଦ୍ୱାରା ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହିନ୍ଦୁ ଧର୍ମ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ପରିଚାଳନା ସମିତି ସମ୍ପାଦକ ପଦ୍ମନାଭ ମହାନ୍ତି ଏହି ଦିବସ ବିଷୟରେ ଆଲୋକପାତ କରିଥିଲେ।

# ଜନଗଣନା ନେଇ ପ୍ରଥମ ପର୍ଯ୍ୟାୟ ତାଲିମ ଶିବିର

**ବିଷମ କଟକ, ୧୯।୩ (ପ୍ରସନ୍ନ କୁମାର ପଣ୍ଡା)**

ଆସନ୍ତା ଏପ୍ରିଲରୁ ଆରମ୍ଭ ହେବାକୁ ଥିବା ଜନଗଣନା ନିମନ୍ତେ ଗୁରୁବାରଠାରୁ ୩ ଦିନିଆ ପ୍ରଥମ ପର୍ଯ୍ୟାୟ ଜନଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲା ବିଷମ କଟକ ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ପରିସରରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଶିକ୍ଷକ ଏବଂ ରାଜସ୍ୱ ବିଭାଗର ରାଜସ୍ୱ ନିରୀକ୍ଷକଙ୍କୁ ନେଇ ଏହି ତାଲିମ ଶିବିର ଆରମ୍ଭ ହୋଇଛି । ବିଷମ କଟକ ତହସିଲଦାର କେ.ଭେଙ୍କଟେଶ୍ୱର ରେଡ୍ଡିଙ୍କ ତତ୍ତ୍ୱାବଧାନରେ ଜନଗଣନା ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଉଛି । ଏହି ତାଲିମି ଶିବିର ୩ଦିନ ଧରି ଚାଲିବ । ଏହି ଶିବିରରେ ଶିକ୍ଷକ ତାଲିମ ଶିବିରର ଭାରପ୍ରାପ୍ତ ଅଧ୍ୟକ୍ଷ ଜଗନ୍ନାଥ ମେହେର,ମାଁ ମାର୍କମା ମହାବିଦ୍ୟାଳୟ ଅଧ୍ୟାପକ ସଞ୍ଜୟ ତ୍ରିପାଠୀ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ । ବିଷମ କଟକ ତହସିଲର ମୋଟ ୨୦୩ ଜଣଙ୍କୁ ପ୍ରଶିକ୍ଷଣ ଦିଆଯିବ । ଏହି ପ୍ରଶିକ୍ଷଣ ପାଞ୍ଚଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ଜନଗଣନା ସମ୍ବନ୍ଧୀୟ ହସ୍ତକ୍ଷେପ ହୋଇଥିବା ବ୍ୟକ୍ତିଗତ ତଥ୍ୟ ସବୁକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ବାରଣ କରାଯାଇଛି । ଜନଗଣନା ସମୟରେ ଲୋକଙ୍କ ସହ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ପରାମର୍ଶ ଦିଆଯିବା ସହ ଭାରତ ସମ୍ବିଧାନର ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବାରୁ ଏହାକୁ ଶୃଙ୍ଖଳିତ ଭାବେ ତୁଲାଇବାକୁ ତହସିଲଦାର ରେଡ୍ଡି ପ୍ରଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି।


ଅଧିକାରୀମାନେ ଜନଗଣନା ସମ୍ବନ୍ଧରେ ପ୍ରଶିକ୍ଷଣ ଦେଉଛନ୍ତି।

# ବିହାରକୁ ଗଞ୍ଜେଇ ଚାଲାଣବେଳେ ମହିଳାଙ୍କ ସହ ୫ ଗିରଫ

**ଗୁଣପୁର, ୧୯।୩ (ସଂକେତ ପାତ୍ର)**

ରାୟଗଡ଼ା ଜିଲା ଗୁଣପୁର ଆଦର୍ଶ ଥାନା ପୋଲିସ ଗୁରୁବାର ରେଲୱେ ଷ୍ଟେଶନ ନିକଟରୁ ୨୨ କେଜି ଗଞ୍ଜେଇ ଜବତ କରିଛି । ଗଞ୍ଜେଇ ଚାଲାଣରେ ସମ୍ପୃକ୍ତ ଥିବା ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ସେମାନଙ୍କ ମଧ୍ୟରୁ ଗଜପତି ଜିଲା ଆର୍.ଉଦୟଗିରି ଅଞ୍ଚଳର ବାବୁଲି ମାଳି ଓ ଆକାଶ କରାଡ ରହିଥିବାବେଳେ ଅନ୍ୟ ୩ ଜଣ ବିହାର ମୁଜାଫରପୁର ଜିଲାର ବିଜେଛାତ୍ରା ଗ୍ରାମର ରାଜୁ କୁମାର , ମହାନ୍ତମାନିୟାରି ଗ୍ରାମର ଚନ୍ଦା ଦେବୀ ଓ ରାଇନ ପୋଖୋରି ଗ୍ରାମର ଛୋଟୁ ସାନି ବୋଲି ଜଣାପଡିଛି। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ବାଇକ୍, ୫ଟି ମୋବାଇଲ ଫୋନ ଏବଂ ନଗଦ ୧୧ ହଜାର ଟଙ୍କା ଜବତ କରିଛି। ସୂଚନା ମୁତାବକ ଗଜପତି ଅଞ୍ଚଳରୁ ୨ ଅଭିଯୁକ୍ତ ବାବୁଲି ଓ ଆକାଶ ଗଞ୍ଜେଇ ଧରି ଗୁଣପୁର ଷ୍ଟେଶନ ନିକଟରେ ପହଞ୍ଚାଇବା ଯୋଜନା ଥିଲା। ସେଠାରୁ ବିହାରର ୩ ଅଭିଯୁକ୍ତ ଟ୍ରେନ୍ ଯୋଗେ ଏହି ଗଞ୍ଜେଇ ତାଙ୍କ ଅଞ୍ଚଳକୁ ନେଇଯିବାର ଯୋଜନା ଥିଲା।


ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

**୨୨ କେଜି ଗଞ୍ଜେଇ ଜବତ**

କିନ୍ତୁ ପୋଲିସ ବିଶେଷସୂତ୍ରରୁ ଖବର ପାଇ ଷ୍ଟେଶନ ନିକଟରେ ଗଞ୍ଜେଇ ସହ ଦୁଇ ଅଭିଯୁକ୍ତ ବାବୁଲା ଓ ଆକାଶଙ୍କୁ ଗିରଫକରି ପଚରାଉଚୁରା କରିଥିଲା। ସେମାନଙ୍କଠାରୁ ଗଞ୍ଜେଇ ନେବାକୁ ଆସିଥିବା ବିହାର ୩ ଜଣ ସ୍ଥାନୀୟ ଏକ ଲଜ୍‌ରେ ରହିଥିବା ପୋଲିସ ଜାଣିବାପରେ ଲଜ୍‌କୁ ଯାଇ ସେମାନଙ୍କୁ ଗିରଫ କରିଥିଲା। ଏ ନେଇ ଗୁଣପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଗଞ୍ଜେଇ ଜବତ ସମୟରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଡେପୁଟି କଲେକ୍ଟର ଶୁଭ୍ରସ୍ମାତ ରାଉତ ରହିଥିବା ବେଳେ ଏସ୍‌ଆଇ ରଞ୍ଜିତ ତ୍ରିପାଠୀ ତଦନ୍ତକାରୀ ଅଧିକାରୀ ରହିଥିଲେ। ଏ ନେଇ ଗୁଣପୁର ଆଦର୍ଶ ଥାନା ଅଧିକାରୀ କମଳକାନ୍ତ କହଁର ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର

ଦାମନଯୋଡି,୧୯।୩(ନରସିଂହ ବ୍ରହ୍ମା)

ଦାମନଯୋଡ଼ିର ଦିଲ୍ଲୀ ପବ୍ଲିକ ସ୍କୁଲରେ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାୟ ୧୨୦ ପ୍ରତିଯୋଗୀ ୫ ବିଭାଗରେ ଭାଗ ନେଇଛନ୍ତି। ବାସ୍କେଟ ବଲ, କ୍ରିକେଟ, ଫୁଟବଲ, ବ୍ୟାଡମିଣ୍ଟନ ଆଦି ପ୍ରଶିକ୍ଷଣ ଦିଆଯିବ। ଉତ୍ସବରେ ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର ମିଶ୍ର, ମୁଖ୍ୟ ମହାପ୍ରବନ୍ଧକ ସୁଗତୋ ଆନନ୍ଦ ବସୁ, ପ୍ରଧାନଶିକ୍ଷକ ଏସ୍.ଏସ୍. ଗିରିଧର ପ୍ରତିଯୋଗୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଶାରୀରିକ ଶିକ୍ଷକ ନବକିଶୋର ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶିଶିର ରଞ୍ଜନ ପଟ୍ଟନାୟକ, ଅସିତ୍ ପଟ୍ଟନାୟକ, ସଞ୍ଜୀବ ପାଟ୍ଟଶାଣୀ, ମାନବେନ୍ଦ୍ର ସାହୁ, ଦେବଦତ୍ତ ଦ୍ୱିବେଦୀ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ କରୁଛନ୍ତି। ଶିକ୍ଷୟିତ୍ରୀ ରୀନା ଭୌମିକ ମଞ୍ଚ ପରିଚାଳନା କରିଥିଲେ।

### ରାମନବମୀ ପାଳନ ନେଇ ପ୍ରସ୍ତୁତି ବୈଠକ



ଜୟପୁର,୧୯।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହରରେ ରାମ ନବମୀ ପାଳନ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଉପଜିଲାପାଳ ତୃପ୍ତି ବରାଇଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡ ଅରକ୍ଷୀ ଅଧିକ୍ଷକ ଅର୍ଚ୍ଚିତା ମିତଲ, ତହସିଲଦାର ଜୟପୁର ସବ୍ୟସାଚୀ ଜେନା, ଅତିରିକ୍ତ ଅରକ୍ଷୀ ଅଧିକ୍ଷକ ଅଭିଷେକ ପାଣିଗ୍ରାହୀ, ପ୍ରବେଶନାରୀ ସଦର ଥାନା ଅଧିକାରୀ ରମାସଦ କେ. ଭି ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତବର୍ଷ ରାମ ନବମୀ ପାଳନ କରାଯିବା ନେଇ ଆଲୋଚନା ହୋଇଥିଲା। ଜୟପୁରରେ ଜନସମାଗମକୁ ଦୃଷ୍ଟିରେ ରଖି ଚଳିତବର୍ଷ ୫ ଡିଜେ ଲଗାଇବାକୁ ଅନୁମତି ମଗାଯାଇଛି। ଯାନବାହନ ନିୟନ୍ତ୍ରଣ ଓ ଆଇନ ଶୃଙ୍ଖଳା ପାଇଁ ଟାଉନ ଥାନା ପୋଲିସଙ୍କୁ ଦାୟିତ୍ୱ ଦିଆଯାଇଛି। ଅପରାହ୍ନ ୪ଟାରୁ ରାତି ୮ ମଧ୍ୟରେ ଚାରିଚକିଆ ଯାନକୁ ଟାଉନ ଭିତରକୁ ନ ଛାଡିବାକୁ ଟାଉନ ଥାନାଧିକାରୀଙ୍କୁ ଅନୁରୋଧ କରାଯାଇଛି। ଏସଡିଓ ବିଦ୍ୟୁତ୍ ବିଭାଗ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ କୁହାଯାଇଛି। ୨ ଅଗ୍ନିଶମ ଗାଡି ଯୋଗାଇ ଦେବା, ଆମ୍ବୁଲାନ୍ସ ଯୋଗାଇବାକୁ କୁହାଯାଇଛି। ୨ ଦିନ ପୂର୍ବରୁ ସମସ୍ତ ମଦ ଦୋକାନ, ସମସ୍ତ ସାହିରେ ରେଡ କରିବାକୁ ଅବକାରୀ ବିଭାଗ ଓ ପୋଲିସ ମିଳିତ ଚଢାଉ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଯଶୋଦା ଗାଦବା ପ୍ରମୁଖ ଉପସ୍ଥିତ ଥିଲେ।

# ୩୧ ସୁଦ୍ଧା ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର କରିବାକୁ ଚେତାବନୀ

**ଓସ୍‌ମାର କଳାବ୍ୟାଜ୍ ପରିଧାନକରି ଶାନ୍ତିପୂର୍ଣ୍ଣ ପ୍ରତିବାଦ**

କୋରାପୁଟ,୧୯।୩
(ଅମିତାଭ ବେହେରା)




ବୈଠକରେ ଉପସ୍ଥିତ ଓସ୍‌ମାର ସଦସ୍ୟମାନେ।

ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ ୧୫ ବର୍ଷ ଧରି କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ(ଏପିଓ)ମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଓଡ଼ିଶା ଷ୍ଟେଟ ଏମ୍‌ସି ଓ ଏପିଓ ଆସୋସିଏଶନ(ଓସ୍‌ମା) ପକ୍ଷରୁ ରାଜ୍ୟବ୍ୟାପୀ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆରମ୍ଭ ହୋଇଛି। ସଂଘର ନିଷ୍ପତ୍ତି ଅନୁଯାୟୀ ରାଜ୍ୟର ସମସ୍ତ ୩୧୪ ବ୍ଲକ୍‌ରେ କାର୍ଯ୍ୟରତ ଏପିଓମାନେ ନିଜ ନିଜ କାର୍ଯ୍ୟାଳୟରେ କଳାବ୍ୟାଜ୍ ପରିଧାନକରି ନିଜର ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏହି ପରିପେକ୍ଷୀରେ କୋରାପୁଟ ଜିଲାରେ ମଧ୍ୟ ସଂଘର ଜିଲା ସଭାପତି ସୌମେନ୍ଦ୍ର ନାୟକ ଓ ସମ୍ପାଦକ ସନ୍ତୋଷୀ ମହାପାତ୍ରଙ୍କ ନେତୃତ୍ୱରେ ସମସ୍ତ ବ୍ଲକରେ କାର୍ଯ୍ୟରତ ଏପିଓମାନେ ନିଜ କାର୍ଯ୍ୟାଳୟରେ କଳାବ୍ୟାଜ ପରିଧାନକରି ପ୍ରତିବାଦ କରିଛନ୍ତି। ଏ ନେଇ ସଂଘ ପକ୍ଷରୁ କୋରାପୁଟ ସଦ୍‌ଭାବନା ସଭାଗୃହରେ ଏକ ବୈଠକ କରାଯାଇଥିଲା। ୧୮ ମାର୍ଚ୍ଚରୁ ପ୍ରତିବାଦ ଆରମ୍ଭ ହୋଇ ୩୧ ମାର୍ଚ୍ଚ ଯାଏ ଚାଲିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଦୀର୍ଘ ୧୫ ବର୍ଷ ଧରି ସେବା ଦେଇ ଆସିବା ସତ୍ତ୍ୱେ ଏପିଓମାନେ ଏଯାଏ ଅସ୍ଥାୟୀ ଭାବେ କାର୍ଯ୍ୟରତ ରହିଛନ୍ତି। ସରକାରଙ୍କ ପୂର୍ବ ପ୍ରତିଶ୍ରୁତି ସତ୍ତ୍ୱେ ଏ ଦିଗରେ କୌଣସି ସ୍ପଷ୍ଟ ପଦକ୍ଷେପ ନ ନିଆଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ଏପିଓଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ତୁରନ୍ତ ସରକାରୀ ନିର୍ଦ୍ଦେଶନାମା ଜାରି କରିବାକୁ ସଂଘ ଦାବି କରିଛି। ସଂଘର ରାଜ୍ୟ ସଭାପତି ଗୋପାଳ ପଣ୍ଡା ଓ ସାଧାରଣ ସମ୍ପାଦକ ମାନସ ରଞ୍ଜନ କର ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ସରକାର ଉଚିତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଓସ୍‌ମା ପକ୍ଷରୁ କୁହାଯାଇଛି।

# ଆଦିତ୍ୟ ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି

ସୁନାବେଡା,୧୯।୩(କୃତ୍ତିବାସ ପ୍ରଧାନ)



ଆଦିତ୍ୟ ହନ୍ତାଳ।

ଭାଜପା ରାଜ୍ୟ କାର୍ଯ୍ୟାଳୟ ପକ୍ଷରୁ କୋରାପୁଟ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଭାବେ ଆଦିତ୍ୟ ହନ୍ତାଳଙ୍କ ନାଁ ଘୋଷଣା କରାଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସୁନାବେଡା ହାଉସିଂ ବୋର୍ଡ କଲୋନୀର ଆଦିତ୍ୟଙ୍କୁ ଏହି ଦାୟିତ୍ୱ ମିଳିଛି। ଆଦିତ୍ୟ ପୂର୍ବରୁ ବିଜେଡିର ଆଇଟି ସେଲରେ କାମ କରୁଥିଲେ। କିଛିମାସ ହେବ ସେ ବିଜେଡି ଛାଡି ଭାଜପାରେ ଯୋଗଦେଇ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ କର୍ମକର୍ତ୍ତା ଭାବେ ସଙ୍ଗଠନରେ କାମ କରୁଥିଲେ। ନାଁ ଘୋଷଣା ପରେ ଆଦିତ୍ୟ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ପଣ୍ଡା, ଜିଲା ସଭାପତି ଶିବ ମୁଦୁଲିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶିବିର




ଶିବିରରେ ଉପସ୍ଥିତ ଅତିଥି ଓ ସ୍ୱେଚ୍ଛାସେବୀମାନେ।

ସୁନାବେଡା,୧୯।୩(କୃତ୍ତିବାସ ପ୍ରଧାନ)

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ତଥା ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଅନୁଯାୟୀ କୋରାପୁଟ ଜିଲା ସୁନାବେଡ଼ା ମହିଳା ସ୍ନାତକ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ସାତଦିନିଆ ସ୍ୱତନ୍ତ୍ର ଶିବିର ଗଞ୍ଜାମ କଲୋନୀରେ ଗୁରୁବାର ଆରମ୍ଭ ହୋଇଛି। ଏଥିରେ ୫୦ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି। ଶିବିରରେ ମୁଖ୍ୟ ଅତିଥି ସୁନାବେଡ଼ା ପୌରପରିଷଦ ଅଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ର ନିଃସ୍ୱାର୍ଥପର ସେବା ଦ୍ୱାରା ଜଣେ ସମାଜରେ ସଫଳତା ହାସଲ କରିପାରେ ବୋଲି ବୁଝେଇଥିଲେ। କଲେଜ ଅଧ୍ୟକ୍ଷା ଉଷାରାଣୀ ଦାସ ପୂର୍ବତନ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଭାବେ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ପ୍ରୋଗ୍ରାମ ଅଫିସର ସରିତା ପରିଡ଼ା ସଭା ପରିଚାଳନା କରିଥିଲେ। ସ୍ୱେଚ୍ଛାସେବୀ ନିକିତା ରାଣୀ ପଟ୍ଟନାୟକ ସଭା ଆରମ୍ଭ କରିଥିଲେ। ସରୋଜିନୀ ଗୌଡ଼ ଧନ୍ୟବାଦ ଦେଇଥିଲେ। ଶିବିରରେ ଦୈନିକ ପଦଯାତ୍ରା, ବ୍ୟକ୍ତିତ୍ୱର ବିକାଶ, ଆଇନଗତ ସଚେତନତା, ସାକ୍ଷରତା, ସ୍ୱାସ୍ଥ୍ୟଗତ ସଚେତନତା, ମାଣ୍ଡିଆ ଓ ଛତୁଚାଷ ନେଇ ସ୍ୱେଚ୍ଛାସେବୀଙ୍କୁ ଶିକ୍ଷାଦେବା କାର୍ଯ୍ୟକ୍ରମ ରହିଛି। କଲେଜ ପକ୍ଷରୁ ହିନ୍ଦୁ ନବବର୍ଷ ପାଳନ କରାଯାଇଥିଲା।

# ସ୍ୱଦେଶୀ ବିଚାରଧାରା ଘରେ ଘରେ ପହଞ୍ଚାଇବା ଲକ୍ଷ୍ୟ

କୋରାପୁଟ,୧୯।୩(ଅମିତାଭ ବେହେରା)




ସଭାରେ ସ୍ୱଦେଶୀ ଜାଗରଣ ମଞ୍ଚର ସଦସ୍ୟମାନେ।

ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ କୋରାପୁଟ ଗୁରୁକୁଳ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଗୁରୁବାର ଅନୁଷ୍ଠିତ ହୋଇଛି। ସଙ୍ଗଠନର କାର୍ଯ୍ୟକର୍ତ୍ତା ମନୋରଞ୍ଜନ ରାଉତରାୟଙ୍କୁ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସଂଯୋଜକ ଭାବେ ନିଯୁକ୍ତି ମିଳିଥିବାରୁ ତାଙ୍କୁ ଏହି ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଂଯୋଜକ ମୃତ୍ୟୁଞ୍ଜୟ ଶତପଥୀଙ୍କ ଅଧ୍ୟକ୍ଷତାରେ ଭଜାପା ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ ସ୍ୱଦେଶୀ ଆନ୍ଦୋଳନର ପ୍ରସାର ଉପରେ ଜୋର ଦେଇଥିଲେ। ରାଜସ୍ଥାନର ଜୟପୁରରେ ମଞ୍ଚର ରାଷ୍ଟ୍ରୀୟ ପରିଷଦର ବୈଠକରେ ଦେଶର ବିଭିନ୍ନ ସ୍ଥାନରୁ ୪୨୫ ପ୍ରତିନିଧି ଯୋଗଦେଇଥିଲେ। ସ୍ୱଦେଶୀ ବିଚାରଧାରାକୁ ଘରେ ଘରେ ପହଞ୍ଚାଇବା ପାଇଁ ଦେଶବ୍ୟାପୀ ଅଭିଯାନର ରୂପରେଖ ତିଆରି କରିଥିଲେ। ଏହି ପରିପ୍ରେକ୍ଷୀରେ କୋରାପୁଟର ମନୋରଞ୍ଜନଙ୍କୁ ପ୍ରାନ୍ତ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି। ସଭାରେ ପ୍ରାନ୍ତ ବିଚାର ବିଭାଗ ପ୍ରମୁଖ ରବିନାରାୟଣ ମିଶ୍ର, କେଶବ ପଟ୍ଟନାୟକ, ଭେଙ୍କଟେଶ୍ୱର ମିଶ୍ର, ପ୍ରିୟରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଦାରୁଦେବତା ପୁସ୍ତକ ଉପରେ ଆଲୋଚନା

କୋରାପୁଟ,୧୯।୩(ଅମିତାଭ ବେହେରା)

ଭୁବନେଶ୍ୱରସ୍ଥିତ ଓଡ଼ିଆ ଭାଷା ପ୍ରତିଷ୍ଠାନ, ସ୍ନାତକୋତ୍ତର ଓଡ଼ିଆ ବିଭାଗ, କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଡ.ବେଣୀମାଧବ ପାଢ଼ୀଙ୍କ ରଚିତ 'ଦାରୁଦେବତା' ପୁସ୍ତକ ଉପରେ ଏକ ଚର୍ଚ୍ଚା କାର୍ଯ୍ୟକ୍ରମ କଲେଜ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଭାଷା ପ୍ରତିଷ୍ଠାନ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ସଭାପତିତ୍ୱରେ ଓଡ଼ିଆ ବିଭାଗ ମୁଖ୍ୟ ଡ. ଲୋପାମୁଦ୍ରା ସ୍ୱାଇଁ ସ୍ୱାଗତ କରିଥିଲେ। ସଭାରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ଡ. ନୀଳାଦ୍ରିନାଥ ଦାସ ପୁସ୍ତକର ବିଷୟବସ୍ତୁ ନେଇ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଡ.ଜଗବନ୍ଧୁ ସାମଲ, ଡ.ସୁଶୀଳ କୁମାର ଗଡନାୟକ, ଡ.ବ୍ରହ୍ମଚାରୀ ଖମାରୀ ପ୍ରମୁଖ ଉପସ୍ଥିତ ଥିଲେ। ଡ. ପ୍ରୀତିଧାରା ସାମଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ସାନ୍ତରା ଧନ୍ୟବାଦ ଦେଇଥିଲେ।

# ରାୟଗଡ଼ା ଜିଲା ଡମ ସମାଜ କର୍ମକର୍ତ୍ତାଙ୍କ ନାମ ଘୋଷଣା

କୋରାପୁଟ,୧୯।୩(ଅମିତାଭ ବେହେରା)

କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ବାସଭବନରେ ଖବରଦାତା ସମ୍ମିଳନୀ କରି ରାୟଗଡ଼ା ଜିଲା ଡମ ସମାଜ କର୍ମକର୍ତ୍ତାମାନଙ୍କ ଗୁରୁବାର ନାମ ଘୋଷଣା କରିଛନ୍ତି। ଅବିଭକ୍ତ କୋରାପୁଟ ଜିଲା ଡମ ସମାଜ ସଭାପତି ତଥା ବିଧାୟକ ମାଛ ରାୟଗଡା ଜିଲା ପାଇଁ ସଭାପତି ଭାବେ ଧନିରାମ ନାଇକ, ସାଧାରଣ ସମ୍ପାଦକ ଜନର୍ଦ୍ଦନ ଗରଡ଼ାଙ୍କ ସହ ୪ଜଣଙ୍କୁ କାର୍ଯ୍ୟକାରୀ ସଭାପତି, ୧୭ ଉପସଭାପତି, ୨୬ ସଙ୍ଗଠନ ସମ୍ପାଦକ,୩ ଆଇନ ପରାମର୍ଶଦାତା, ୨ କୋଷାଧ୍ୟକ୍ଷ, ୬ ମିଡିଆ ସେଲ କର୍ମକର୍ତ୍ତା, ୧୪ ପରାମର୍ଶଦାତା ଓ ୩ ମିଡିଆ ସହଯୋଗୀ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ପରେ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲା କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି କହିଛନ୍ତି। କମିଟି ମାଧ୍ୟମରେ ଡମ ସମାଜର ଉନ୍ନତି, ଶିକ୍ଷା, କଳା ସଂସ୍କୃତି, ଅନୁସୂଚିତ ଜନଜାତି ଆଦି ସ୍ୱତନ୍ତ୍ର ଜାତିର ମାନ୍ୟତା ଓ ସରକାରୀ ସହାୟତା ପ୍ରଦାନ ନେଇ ସରକାରଙ୍କ ନିକଟରେ ଦାବି କରାଯିବ ବୋଲି ବିଧାୟକ କହିଛନ୍ତି।



ଖବରଦାତା ସମ୍ମିଳନୀରେ ବିଧାୟକ ରଘୁରାମ ମାଛ ଓ ଅନ୍ୟମାନେ।

### ଘଡ଼ଘଡ଼ି ସହ କୁଆପଥର ବର୍ଷା



ନନ୍ଦପୁର,୧୯।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅଞ୍ଚଳରେ କାଳବୈଶାଖୀ ଯୋଗୁ ପବନ, ଘଡ଼ଘଡ଼ି ସହ ଗୁରୁବାର କୁଆପଥର ମାଡ଼ ହୋଇଛି। ନନ୍ଦପୁର, ହିକିମପୁଟ, ମାଳି ବେଲଗାଁ, ଖୁର୍ଜୀ, କସନ୍ଦି, ଖେମୁଣ୍ଡୁଗୁଡା ପଞ୍ଚାୟତରେ କୁଆପଥର ବର୍ଷା ହୋଇଛି। ଏଥିଯୋଗୁ ବିଦ୍ୟୁତ୍ କାଟ ହୋଇଛି।

# ନିଶାମୁକ୍ତ ଭାରତ ଅଭିଯାନ



କାର୍ଯ୍ୟକ୍ରମରେ ଉପସ୍ଥିତ କଲେଜ କର୍ତ୍ତୃପକ୍ଷ ଓ ଅନ୍ୟମାନେ ।

ନନ୍ଦପୁର,୧୯।୩(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁରସ୍ଥିତ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟରେ ରାଜ୍ୟ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜୟପୁର ନିୟୁ ଲାଇଫ ୱେଲନେସ ଟ୍ରଷ୍ଟ, ଏନ୍‌ଏସ୍‌ଏସ୍ ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ଅମର କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କୁ ମାଦକ ଦ୍ରବ୍ୟ ବ୍ୟବହାର ଯୋଗୁ ସାମାଜିକ, ମାନସିକ ଓ ଶାରୀରିକ ସମସ୍ୟା ଦେଖାଦେଇଥାଏ ଓ ଏହାର ନିରାକରଣ ନେଇ ବୋଲି ବୁଝାଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଲୋଚନା ଚକ୍ର, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ନିୟୁ ଲାଇଫ ୱେଲନେସ ଟ୍ରଷ୍ଟ ପ୍ରୋଜେକ୍ଟ ସଂଯୋଜକ ଲକ୍ଷ୍ମୀକାନ୍ତ ପାଇକରାୟ, ସାମାଜିକ କର୍ମୀ କେ.ଅନୁରୋଧ ଓ ନନ୍ଦପୁର ବ୍ଲକ ଭି ଏସ ଏସ ନାଗରାଜୁ ଆଚାରି ପ୍ରମୁଖ ସମାଜରୁ ମାଦକ ଦ୍ରବ୍ୟ ବିକ୍ରି ଓ ସେବନଠାରୁ ଦୂରେଇ ରହିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ, ସୁରଭି ପାଣିଗ୍ରାହୀ, ଅର୍ଚ୍ଚନା ପାଢ଼ୀ ଓ ସନ୍ତୋଷ ହନ୍ତାଳ ପ୍ରମୁଖ ସହଯୋଗ କରିଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟ ଅବ୍ୟବସ୍ଥାରେ ସୁଧାର ଆଣିବାକୁ ନିର୍ଦ୍ଦେଶ

ଜୟପୁର,୧୯।୩(ପବନ ପାଣିଗ୍ରାହୀ)

**ରାଜ୍ୟ ମତ୍ସ୍ୟ ବିଭାଗ ସଚିବଙ୍କ କୋରାପୁଟ ଜିଲା ଗସ୍ତ**

ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ସଚିବ ତଥା ନୋଡାଲ ସଚିବ ପ୍ରେମଚନ୍ଦ୍ର ଚୌଧୁରୀ ଦୁଇଦିନିଆ କୋରାପୁଟ ଜିଲା ଗସ୍ତରେ ଆସି ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଗୁରୁବାର ପରିଦର୍ଶନ କରିଛନ୍ତି। ବିଭିନ୍ନ ବିଭାଗ ବୁଲିବା ସହ ରୋଗୀ ଓ ଡାକ୍ତରମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ପୂର୍ବ ଅପେକ୍ଷା ଚିକିତ୍ସାଳୟରେ ଭିତ୍ତିଭୂମି ସୁଧାର ଆସିଥିଲେ ସୁଦ୍ଧା ରୋଗୀ ଠିକ ସେବା ପାଇପାରୁ ନ ଥିବା ଅଭିଯୋଗରେ କ୍ଷୋଭ ପ୍ରକାଶ କରିଥିଲେ। ଆଇସିୟୁ, ସିଟି ସ୍କାନ, ଆଲଟ୍ରା ସାଉଣ୍ଡ ପାଇଁ ଘରୋଇ ମେଡିକାଲ ଉପରେ ନିର୍ଭର କରୁଥିବାରୁ ଏହାକୁ କାର୍ଯ୍ୟକ୍ଷମ କରାଇବାକୁ ଡାକ୍ତରଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତର ଅଭାବ ଅବ୍ୟବସ୍ଥାରେ ସୁଧାର ଆଣିବା ନେଇ କାର୍ଯ୍ୟ କରିବାକୁ ଡିଏମ୍‌ଓ ଏବଂ ଜିଲା ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସ୍ପୋର୍ଟସ କମ୍ପ୍ଲେକ୍ସ, ଗୋ ସାଲା, ଆମ୍ବାଗୁଡ଼ାସ୍ଥିତ ଗୋପବନ୍ଧୁ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଥିଲେ। ବାରିଣିପୁଟରେ ନିର୍ମିତ ବାୟୋପ୍ଲାଣ୍ଟ ଟାଙ୍କି ପରିଦର୍ଶନ କରିଥିଲେ। ଜୟପୁର ପୌରସଂସ୍ଥା ପକ୍ଷରୁ ଗଡ଼ିଆ ଧୋବାସାହି ଏମ୍‌ସିସି ପ୍ଲାଣ୍ଟର ଖତ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିଥିଲେ। ପାଲିଗୁଡାସ୍ଥିତ ଗୋପାଳ ଗୋ ସେବା କେନ୍ଦ୍ରର ଗାଈମାନଙ୍କ ରକ୍ଷଣାବେକ୍ଷଣ ଓ ପରିମଳ ବ୍ୟବସ୍ଥା ସମୀକ୍ଷା କରିଥିଲେ। ଜିଲା ଚିକିତ୍ସାଳୟର ବିଭିନ୍ନ ସମସ୍ୟା, ଆବଶ୍ୟକ ପଦବୀ ଓ ଯନ୍ତ୍ରପାତୀ ନେଇ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ମେଶିନ ଠିକ୍ ଭାବେ କରାଯାଉନଥିବାରୁ ସଚିବଙ୍କ ନିକଟରେ ଅଭିଯୋଗ ହେବା ପରେ ଏକ ରିପୋର୍ଟ ଦେବାକୁ ଜିଲା ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜୟପୁରସ୍ଥିତ କ୍ରୀଡ଼ା କମ୍ପ୍ଲେକ୍ସରେ ଜିଲା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। କ୍ରୀଡା କମ୍ପ୍ଲେକ୍ସଟି ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଏହାକୁ ଘରୋଇକରଣ କରିବା ପ୍ରସ୍ତାବ ଦେଇଛନ୍ତି। ଏ ନେଇ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ କଥା ହେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆମ୍ବାଗୁଡା ସରକାରୀ ଆଇଟିଆଇ, ପୁଟ୍ରା ଗ୍ରାମରେ ପିଏମ ଏସ୍‌ୱାଇରେ ପୋଖରୀରେ ମାଛ ଚାଷ ଯୋଜନା ପରିଦର୍ଶନ କରିଥିଲେ । ଏହି ଅବସରରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲା ପରିଷଦ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜିଲା ଚିକିତ୍ସାଳୟ ଅଧିକାରୀ ଡ.ଅକ୍ଷୟ ରଥ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡି. ଶିବସାଇ ସ୍ୱରୁପ ପ୍ରମୁଖ ଉପସ୍ଥିତ ଥିଲେ।



ମୁଖ୍ୟ ଚିକିତ୍ସାଳୟରେ ନୋଡାଲ ସଚିବ ପ୍ରେମଚନ୍ଦ୍ର ଚୌଧୁରୀ ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

# ନନ୍ଦପୁର ବ୍ଲକ୍‌ରେ ହୋଇପାରୁନି ମାଛଚାଷର ବିକାଶ

ନନ୍ଦପୁର,୧୯।୩(ତୁଷାର କାନ୍ତ ମହାନ୍ତି)



ଜୋଲାପୁଟ ଜଳଭଣ୍ଡାରରେ ଦେଶୀଡଙ୍ଗାରେ ମତ୍ସ୍ୟଜୀବୀ ।

**ଶୃଙ୍ଖଳା ପଡ଼ିଛି ଫାର୍ମପଣ୍ଡ, ପୁରୁଣା ପୋଖରୀ**

କୋରାପୁଟ ଜିଲା ନନ୍ଦପୁର ବ୍ଲକରେ ସାଧନ ଥିବା ସତ୍ତ୍ୱେ ମତ୍ସ୍ୟ ସମ୍ପଦର ବିକାଶ ହୋଇପାରୁ ନ ଥିବା ଜଣାପଡ଼ିଛି। ବ୍ଲକ ଅଧୀନ ୨୩ ପଞ୍ଚାୟତର ୪୩ ସ୍ଥାୟୀ ପୋଖରୀ, ୧୯୬୩ ବର୍ଗ କି.ମି. ତଥା ୩୪୨୬୩ ଟିଏମ୍‌ସିଏଫ୍‌ଟି ଜଳଧାରଣ କରୁଥିବା ଜୋଲାପୁଟ ଜଳଭଣ୍ଡାରର ଜଳରାଶିର ସଦୁପଯୋଗ ହୋଇପାରୁ ନ ଥିବା ବେଳେ ଜଳଭଣ୍ଡାରରେ ମାଛଚାଷ କେବଳ ଘୋଷଣାରେ ସୀମିତ ହୋଇରହିଛି। ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ ନନ୍ଦପୁର ବ୍ଲକ୍‌ରେ ୪୩ ପୋଖରୀ ରହିଛି। ଜଳଛାୟା ପ୍ରକଳ୍ପ ଓ ମତ୍ସ୍ୟ ବିଭାଗ ଦ୍ୱାରା ଶତାଧିକ ଫାର୍ମପଣ୍ଡ ଓ ପୋଖରୀ ଖୋଳାଯାଇଥିବା କୁହାଯାଉଛି। ବ୍ଲକ ପ୍ରଶାସନ ୩୦ରୁ ଉର୍ଦ୍ଧ୍ୱ ନୂତନ ଅମୃତ ସରୋବର ଖୋଳିଥିବା ସୂଚନା ଦେଇଛନ୍ତି। ଜୋଲାପୁଟ ଜଳଭଣ୍ଡାର ଥିବା ସତ୍ତ୍ୱେ ମତ୍ସ୍ୟ ସମ୍ପଦ ବିକାଶରେ ବିଭାଗ ଓ ସରକାର ସଫଳ ହୋଇପାରୁ ନ ଥିବା କୁହାଯାଇଛି। ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, ଜିଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ ଜୋଲାପୁଟ ଜଳଭଣ୍ଡାରରେ ୨୦ ହଜାର କିଲୋ ମାଛ ଯାଆଁଳ ଛଡ଼ାଯିବ, ବିଲାପୁଟ ପଞ୍ଚାୟତ ଜୋଲାପୁଟ ଫିସୋରି ସୋସାଇଟିର ପୁନରୁଦ୍ଧାର କରାଯିବ। ଅନ୍ୟ ପଞ୍ଚାୟତରେ ଏକାଧିକ ମହିଳା ଓ ପୁରୁଷଙ୍କୁ ନେଇ ନୂତନ ସୋସାଇଟି ଗଠନ କରାଯାଇ ବ୍ଲକ୍‌ରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରାଯିବ ବୋଲି ଘୋଷଣା କରିଥିଲେ। ୧୦ ପଞ୍ଚାୟତର ଚାଷୀଙ୍କୁ ଡଙ୍ଗା, ଜାଲ, ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ଦେଇ ସେମାନଙ୍କ ଜୀବନଜୀବିକା ପାଇଁ ନୂଆ ଅଧ୍ୟାୟ ସୃଷ୍ଟି କରାଯିବ ବୋଲି କହିଥିଲେ। କିନ୍ତୁ ଏହା ଘୋଷଣାରେ ହିଁ ରହିଯାଇଛି। ପଞ୍ଚାୟତ, ବ୍ଲକ ଓ ଜିଲା ପ୍ରଶାସନ ୪୩ ପୁରୁଣା ପୋଖରୀର ପୁନରୁଦ୍ଧାର କରାଉ ନ ଥିବାରୁ ଏହା ପୋତିହୋଇ ଗୃହପାଳିତଙ୍କ ଚରାଭୂଇଁ ପାଲଟିଛି। ଜଳଛାୟା ପ୍ରକଳ୍ପର ଫାର୍ମପଣ୍ଡ ଓ ମତ୍ସ୍ୟ ବିଭାଗ ଦ୍ୱାରା ଖନନ ବନ୍ଧଗୁଡ଼ିକ ଶୃଙ୍ଖଳା ପଡ଼ିଛି। ଏଥିଯୋଗୁ ଜୋଲାପୁଟ ଜଳଭଣ୍ଡାର ନିର୍ମାଣ ପାଇଁ ଜମି ଦେଇ ବିସ୍ଥାପିତ ହୋଇଥିବା ପାଡୁଆ, କୁଲାବିର, ଗୋଲୁର, କୁଲାରସିଂ, ପାଙ୍ଗଲୁଙ୍ଗ, ପରଜା ବଡପଡ଼ା, ବାଲଡା, ଅତଣ୍ଡା, ବାଡେଲ ଓ ବିଲାପୁଟ ପଞ୍ଚାୟତବାସୀ ଜଳଭଣ୍ଡାରର ପାଣିର ସୁବିଧା ନେଇ ମତ୍ସ୍ୟ ଚାଷ କରିପାରୁ ନାହାନ୍ତି। ଗତ ୫ ବର୍ଷମଧ୍ୟରେ ମାଛ ଧରିବାକୁ ଯାଇ ସ୍ଥାନୀୟ ଲୋକଙ୍କ ଜୋଲାପୁଟ, କୋଲାବ, ତେଲଙ୍ଗିରି ଆଦି ଜଳଭଣ୍ଡାରରେ ଡଙ୍ଗା ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ୧୫ ବର୍ଷ ତଳେ ମତ୍ସ୍ୟ ବିଭାଗ ପକ୍ଷରୁ ଜୋଲାପୁଟ ଫିସୋରି ସୋସାଇଟି ଗଠନ କରାଯାଇ କେତେକ କେଉଟ ସମ୍ପ୍ରଦାୟ ଲୋକଙ୍କୁ ୬ ହଜାର ଲେଖାଏ ଦେଶୀ ଡଙ୍ଗା ଓ ଜାଲ କିଣିବାକୁ ସହାୟତା ଦେଇଥିଲେ। ଏହା ଏତିକିରେ ସୀମିତ ବୋଲି ମତ୍ସ୍ୟଚାଷୀ ସିଏଚ ଗୋବିନ୍ଦା, ଏ. ଲକ୍ଷ୍ମଣ ରାଓ, ସିଏଚ ୟାରମା, ଏଚ୍. ଜଗନ୍ନାଥମ, ଏସ୍. ଆପା ରାଓ ପ୍ରମୁଖ କହିଛନ୍ତି। କେଉଟମାନେ ଆନ୍ଧ୍ରରୁ ମାଛ ଆଣି ବ୍ୟବସାୟ କରୁଥିବା କହିଛନ୍ତି। ଜିଲା ମତ୍ସ୍ୟ ବିଭାଗ କର୍ମଚାରୀ ଅଭାବୀରେ ରହିଛି। ଜିଲାର ୧୪ ବ୍ଲକ ପାଇଁ ଥିବା ମତ୍ସ୍ୟ ଅଧିକାରୀ(ଏଏଫ୍‌ଓ) ବିଭାଗ ଅଧୀନରେ ଥିବା ୫ହଜାରରୁ ଉର୍ଦ୍ଧ୍ୱ ପୋଖରୀ, ୫ ଜଳଭଣ୍ଡାର କଥା ବୁଝୁଛନ୍ତି। ଏ ନେଇ କୋରାପୁଟ ଜିଲା ଗସ୍ତରେ ଆସୁଥିବା ରାଜ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ କମିଶନର ତଥା ସଚିବ ପ୍ରେମଚନ୍ଦ୍ର ଚୌଧୁରୀ(ଆଇଏଏସ୍)ଙ୍କ ଦୃଷ୍ଟି କରାଇବାକୁ କୁହାଯାଇଛି।

# ୨ ଗ୍ରାମର ଲୋକଙ୍କୁ ହାଟବଜାର ମନା

ନନ୍ଦାହାଣ୍ଡି, ୧୯।୩
(ପ୍ରତୀପ କୁମାର ଦାଶ)



ଦୋକାନ କାନ୍ଥରେ ଲଗାଯାଇଥିବା ପାମ୍ଫଲେଟ।

- ଜଙ୍ଗଲ କଟା, ଜମି ବିବାଦକୁ ନେଇ ଜାରି ହୋଇଛି ନିୟମ
- ବଜାରରେ ଲାଗିଛି ପାମ୍ଫଲେଟ
- ନିୟମ ଖିଲାପ କଲେ ୧୦୦୦ ଟଙ୍କା ଜରିମାନା

ଗ୍ରାମ୍ୟ ଜଙ୍ଗଲ କଟା ଓ ଗାଁ ମନ୍ଦିର ପୂଜାରୀଙ୍କ ପାଇଁ ଥିବା ଜମିକୁ ନେଇ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ଧଣ୍ଡରା ଓ ଗୁରୁଜାନିଗୁଡ଼ାର ଗ୍ରାମବାସୀଙ୍କୁ ନରସିଂହଗୁଡ଼ା ବଜାର ମନା କରାଯାଇଛି। ଉପରୋକ୍ତ ୨ ଗ୍ରାମର ଲୋକଙ୍କଠାରୁ ଜିନିଷ କିଣିଲେ କିମ୍ବା ସେମାନଙ୍କୁ ଜିନିଷ ବିକିଲେ ୧୦୦୦ ଟଙ୍କା ଜରିମାନା ଦେବାକୁ ପଡ଼ିବ ବୋଲି ନରସିଂହଗୁଡ଼ା ବଜାରର ବିଭିନ୍ନ ଦୋକାନରେ ଏହା ଉଲ୍ଲେଖ ଥିବା ପାମ୍ଫଲେଟ ଜାରି କରାଯାଇଛି। ନନ୍ଦାହାଣ୍ଡି ବ୍ଲକ ନରସିଂହଗୁଡ଼ା ଓ ବିଞ୍ଜିଗୁଡା ଗାଁ କମିଟି ଦ୍ୱାରା ଏହି ପାମ୍ଫଲେଟ ଜାରି କରାଯାଇଥିବା ସେଥିରେ ଉଲ୍ଲେଖ ରହିଛି।

ସୂଚନାନୁଯାୟୀ, ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା, ଗୁରୁଜାନିଗୁଡ଼ା, ବିଞ୍ଜିଗୁଡ଼ା ଓ ନରସିଂହଗୁଡ଼ା ଗ୍ରାମବାସୀ ପୁରୁଷପୁରୁଷ ଧରି ମିଳିମିଶି ବାଲିଯାତ୍ରା, ଠାକୁରାଣୀଯାତ୍ରା ଆଦି କରୁଥିଲେ। କିନ୍ତୁ ଗତ ତିନି ବର୍ଷ ହେଲା ଧଣ୍ଡରା ଓ ଗୁରୁଜାନିଗୁଡ଼ା ଅଲଗା ବାଲିଯାତ୍ରା ସହ ଗ୍ରାମ ଠାକୁରାଣୀ ମନ୍ଦିରର ପୂଜାରୀ (ଜାନି ) ପରିବର୍ତ୍ତନ କଲେ। ଯେଉଁଠୁ ବିବାଦ ର ସୂତ୍ରପାତ ହେଲା। ନରସିଂଗୁଡା ଗ୍ରାମବାସୀ ନୂଆ ପୂଜାରୀଙ୍କୁ ଠାକୁରାଣୀ ମନ୍ଦିର ନାମରେ ଥିବା ୩. ୫ ଏକର ଜମିର ଭାଗ ମାଗିଲେ। ଏହି ବିବାଦର ସମାଧାନ ହୋଇ ନଥିବା ଚଳିତ ବର୍ଷ ଗ୍ରାମ୍ୟ ଜଙ୍ଗଲ କାଟିବା ସମୟରେ ଧଣ୍ଡରା ଓ ଗୁରୁଜାନିଗୁଡ଼ା ଗ୍ରାମର ଲୋକ ନରସିଂହଗୁଡା ଗ୍ରାମ୍ୟ ଜଙ୍ଗଲର ସୀମା ଆଡକୁ ଅଧିକ ଆସିଗଲେ। ଏଣୁ ବିବାଦ ଆହୁରି ବଢ଼ିଲା। ନରସିଂହଗୁଡ଼ା ଗ୍ରାମବାସୀ କଟା କାଠ ନେବାକୁ ଦେଲେ ନାହିଁ ଏବଂ ନରସିଂହଗୁଡ଼ା ଓ ବିଞ୍ଜିଗୁଡା ଗ୍ରାମରେ ଧଣ୍ଡରା ଓ ଗୁରୁଜାନିଗୁଡା ଗ୍ରାମବାସୀଙ୍କ ସକାଶେ ଦୋକାନ ବଜାର ଓ ସାପ୍ତାହିକ ହାଟ ଉପରେ ବିକାକିଣା ଉପରେ ରୋକ ଲଗାଇଲେ। କୌଣସି ଦୋକାନୀ ସମ୍ପୃକ୍ତ ୨ ଗ୍ରାମର ଲୋକଙ୍କୁ ଜିନିଷ ବିକିପାରିବେନି। ଯଦି କିଏ ବିକନ୍ତି ତାହାହେଲେ ୧ ହଜାର ଟଙ୍କା ଜରିମାନା ଦେବା ପାଇଁ ନରସିଂହଗୁଡା ଓ ବିଞ୍ଜିଗୁଡା କମିଟି ପକ୍ଷରୁ ନରସିଂହଗୁଡା ବଜାରର ବିଭିନ୍ନ ଦୋକାନରେ ଫତଓ୍ୱା ଜାରି କରାଯାଇଛି। ପ୍ରତ୍ୟେକ ଦୋକାନ କାନ୍ଥରେ ଏ ନେଇ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ଏହା ଦ୍ୱାରା ଚାରି ଗ୍ରାମ ମଧ୍ୟରେ ବିବାଦର ନିଆଁ କୁହୁଳିବାରେ ଲାଗିଛି। କଥା ବଢ଼ିବା ପୂର୍ବରୁ ପ୍ରଶାସନ ହସ୍ତକ୍ଷେପ କରି ସମାଧାନ ବାଟ ବାହାର କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଘଟଣା ସମ୍ପର୍କରେ ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆଙ୍କୁ ପଚାରିବାରୁ ୪ ଗ୍ରାମ ମଧ୍ୟରେ ବିବାଦ ସମ୍ପର୍କରେ ଖବର ରହିଛି। ୨ ଗୋଷ୍ଠୀଙ୍କୁ ନୋଟିସ କରାଯାଇଥିଲା। ପୋଷ୍ଟର ମାରି ବାସନ୍ଦ କରିବା ଘଟଣା କିନ୍ତୁ ନଜରରେ ନଥିଲା। ଏବେ ଏହା ଜାଣିବା ପରେ ଘଟଣାର ତଦନ୍ତ କରାଯିବ। ଆବଶ୍ୟକ ସ୍ଥଳେ ଦୃଢ଼ କାର୍ଯାନୁଷ୍ଠାନ ନିଆଯିବ। ୨୪ତାରିଖ ଦିନ ଘଟଣା ସମାଧାନ ପାଇଁ ସମସ୍ତଙ୍କ ସହ ଆଲୋଚନା କରାଯିବ ତହସିଲଦାର ମହାନନ୍ଦିଆ କହିଛନ୍ତି।

# ଚୋରି ମୋବାଇଲ ଫେରିପାଇଲେ ଛାତ୍ରୀଛାତ୍ର


ପୋଲିସ ସହ ଚୋରି ମୋବାଇଲ ଫେରି ପାଇଥିବା ଛାତ୍ରୀଛାତ୍ର।

ଉମରକୋଟ, ୧୯।୩
(ସନ୍ତୋଷ ଶତପଥୀ)

**ପରେଡ ଅଭ୍ୟାସବେଳେ ଛାତ୍ରୀଛାତ୍ରଙ୍କ ମୋବାଇଲ ଚୋରି ଘଟଣା**

- ଅଭିଯୁକ୍ତ ଗିରଫ, ଚୋରି ସାମଗ୍ରୀ ଜବତ

ସଧାରଣତନ୍ତ୍ର ଦିବସ ପାଇଁ ପରେଡ୍ ଅଭ୍ୟାସବେଳେ ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟର ମୋଟ ୧୨ ଛାତ୍ରୀଛାତ୍ରଙ୍କ ମୋବାଇଲ ଫୋନ୍ ଚୋରି ହୋଇଥିଲା। ଗୁରୁବାର ଉମରକୋଟ ପୋଲିସ ଚଢ଼େଇଗୁଡା ଗ୍ରାମର ବବୁଲୁ ହରିଜନଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ୯ଟି ମୋବାଇଲ ଫୋନ ଜବତ କରାଯାଇଛି। ଉକ୍ତ ମୋବାଇଲ ସମେତ ୨୪ କ୍ୟାପ, ଗୋଟିଏ ସ୍କୁଟି ଚାବି, ବ୍ଲୁ ଟୁଥ୍ ପୋଲିସ ଛାତ୍ରୀଛାତ୍ରଙ୍କୁ ଫେରସ୍ତ ଦେଇଛି।

ସୂଚନାନୁଯାୟୀ ଜାନୁଆରୀ ୨୪ରେ ଅପରାହ୍ନ ପ୍ରାୟ ୨ଟା ୩୦ରେ ଉମରକୋଟ ଡିଏନ୍‌କେ ଷ୍ଟାଡିୟମରେ ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟର ଏନ୍‌ସିସି ଗ୍ରୁପ ଛାତ୍ରୀଛାତ୍ର ପରେଡ ଅଭ୍ୟାସ ପାଇଁ ଆସିଥିଲେ। ତେବେ ସେମାନେ ଏକ ଏୟାର ବ୍ୟାଗରେ ୧୨ ମୋବାଇଲ, ୨୪ ଏନସିସି କ୍ୟାପ, ଗୋଟିଏ ସ୍କୁଟି ଚାବି ଓ ଗୋଟିଏ ବ୍ଲୁ ଟୁଥ ରଖି ତାହାକୁ ସ୍କୁଟିରେ ଟାଙ୍ଗି ଅଭ୍ୟାସ କରିବାକୁ ଯାଇଥିଲେ। ଫେରିବା ପରେ ବ୍ୟାଗ୍‌ଟି ଚୋରି ହୋଇ ଯାଇଥିବା ଦେଖି ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ଉମରକୋଟରେ ଲିଖିତ ଅଭିଯୋଗ କରିଥିଲେ। ଉମରକୋଟ ପୋଲିସ ସମସ୍ତ ଛାତ୍ରୀଛାତ୍ରଙ୍କୁ ଥାନାକୁ ଡକାଇ ସମସ୍ତ ଜବତ ସାମଗ୍ରୀ ଫେରାଇ ଦେଇଛି। ମୋବାଇଲ ପାଇ ଛାତ୍ରୀଛାତ୍ର ଖୁସି ହେବା ସହ ଉମରକୋଟ ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି।

# ଭଲ ପଢ଼ି ଆଗକୁ ବଢ଼ିବାକୁ ପରାମର୍ଶ

ପାପଡ଼ାହାଣ୍ଡି, ୧୯।୩
(ସ୍ୱପ୍ନଜିତ ପଟ୍ଟନାୟକ)

**ପାତ୍ରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ପାତ୍ରୀ ସରକାରୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧକ୍ଷ ମୋତିରାମ ନାୟକ ଯୋଗଦେଇଥିଲେ। ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ପାତ୍ରୀ ସରପଞ୍ଚ ଭଗବତୀ ଭତରା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଭଲ ପାଠ ପଢ଼ିବା ସହ ଖେଳକୁଦରେ ନିଜ ବିଦ୍ୟାଳୟ ସହ ଜିଲାର ନାମ ରଖିବାକୁ ଅତିଥିମାନେ କହିଥିଲେ। ଏହା ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀମନ୍ତ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରଞ୍ଜିତା ବେହେରା, ବିଶ୍ୱରଞ୍ଜନ ପାଣି, ଅର୍ଣ୍ଣପୂର୍ଣ୍ଣା ସେଠୀ, ହିମାଂଶୁ ଶେଖର ସରି, କ୍ରିଷ୍ଣାପ୍ରିୟା ନାୟକ ପ୍ରମୁଖ ସହଯୋଗ କରିଥିଲେ ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ବାଲ୍ୟବିବାହମୁକ୍ତ ଦେଶ ଗଠନ ଲକ୍ଷ୍ୟ



ବୈଠକରେ ବିଡିଓ ନିଜ ମତ ଦେଉଛନ୍ତି।

ତେନ୍ତୁଳିଖୁଣ୍ଟି, ୧୯।୩(ଚିଦାନନ୍ଦ ସାହୁ)

**ବ୍ଲକସ୍ତରୀୟ ଆଇନ ସଚେତନତା କାର୍ଯ୍ୟକ୍ରମ**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଓଡିଶା ମହିଳା କମିଶନ ସହାୟତାରେ ଜିଲା ସମାଜ କଲ୍ୟାଣ ବିଭାଗ ନିର୍ଦ୍ଦେଶ କ୍ରମେ ତେନ୍ତୁଳିଖୁଣ୍ଟି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ବୁଧବାର କରାଯାଇଛି। ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ ଏହାର ମୂଳ ଉଦ୍ଦେଶ୍ୟ। ମହିଳା ଏବଂ ଶିଶୁ ସୁରକ୍ଷା ଆଇନ ସଚେତନତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା।

ଓଡିଶା ରାଜ୍ୟ ମହିଳା କମିଶନର ଅଧକ୍ଷା ଶୋଭନା ମହାନ୍ତି ମୁଖ୍ୟ ଅତିଥି, ବରେଣ୍ୟ ଅତିଥିଭାବେ ଜିଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର, ନବରଙ୍ଗପୁର ଉପଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ବିଧାୟକ ପ୍ରତିନିଧି ଅଚ୍ୟୁତାନନ୍ଦ ବିଷୋୟୀ, ଆଇନଜୀବୀ ବିନୟ ଛାତି, କିଶୋରୀ ପଟ୍ଟନାୟକ, ଅବସରପ୍ରାପ୍ତ ଶିଶୁବିକାଶ ଅଧିକାରୀ ମୋନରମା ମାଝୀ, ପ୍ରୋଗ୍ରାମ ଅଫିସର ରମା ପଟ୍ଟନାୟକ, ବିଡିଓ ମନୋଜ ପାଣିଗ୍ରାହୀ,ତେନ୍ତୁଳିଖୁଣ୍ଟି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନିତା ଜେଠି,ତହସିଲଦାର ପୁଷ୍ପାଞ୍ଜଳି ଦଣ୍ଡପାଟ, ସକ୍ଷମ ଗୋଷ୍ଠୀ ସଂଯୋଜକା କିରଣ ପ୍ରଧାନ ଉପସ୍ଥିତ ଥିଲେ। ଏଠାରେ ଯୌତୁକ ନିଷେଧ, ଘରୋଇ ହିଂସା, କାର୍ଯ୍ୟ ସ୍ଥଳରେ ମହିଳାଙ୍କ ପ୍ରତି ଘଟୁଥିବା ଯୌନ ଉତ୍ପୀଡ଼ନ, ଓଡିଶା ଡାହାଣୀ ଅଭିଯୋଗ ଓ ନିର୍ଯାତନା ନିବାରଣ ଅନୈତିକ ମାନବ ଚାଲାଣ ନିରୋଧ ଆଇନ(୧୯୫୬), ଶିଶୁ ସୁରକ୍ଷା ଆଇନ, ଶିଶୁ ଶ୍ରମିକଙ୍କ ଆଇନ, ଶକ୍ତି ସଦନ ର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବ୍ଲକର ସମସ୍ତ ଆଶା, ଅଙ୍ଗନୱାଡି କର୍ମୀ, ଏମ୍‌ବିକେ, ସିଆର୍‌ପି ଏବଂ ବିଭିନ୍ନ ପଞ୍ଚାୟତରୁ କିଶୋରୀ ବାଳିକା ମାନେ ଉପସ୍ଥିତ ଥିଲେ।

# ସିଡବ୍ଲ୍ୟୁସି ସହଯୋଗରେ ବିଦ୍ୟାଳୟ ଯିବେ ୩ ଅନାଥ ଶିଶୁ


କମିଟି ସଦସ୍ୟମାନେ ପିଲାମାନଙ୍କ ସହ ଆଲୋଚନା କରୁଛନ୍ତି।

ନବରଙ୍ଗପୁର, ୧୯।୩ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଜାନକୀ ନଗର ଗ୍ରାମର ଗୋଟିଏ ପରିବାରର ୩ ଜଣ ଅନାଥ ଛାତ୍ରଙ୍କୁ ଆବାସିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସିଡବ୍ଲୁସି ପଦକ୍ଷେପ ନେଇଛି। ନନ୍ଦାହାଣ୍ଡି ବ୍ଲକ ଜାନକିନଗର ସ୍କୁଲର ଗୋଟିଏ ପରିବାରର ୩ ଜଣ ଅନାଥ ଛାତ୍ରଙ୍କୁ ଶିଶୁ ମଙ୍ଗଳ କମିଟିର ତତ୍ତ୍ୱାବଧାନରେ ଆବାସିକ ବିଦ୍ୟାଳୟରେ ଭର୍ତ୍ତି କରାଇବା ପ୍ରକ୍ରିୟା ଆରମ୍ଭ ହୋଇଛି। ୨ ଜଣ ଛାତ୍ର ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ କରିଥିବା ବେଳେ ଆଉ ଜଣେ ଛାତ୍ର ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି। ସେମାନଙ୍କ ମା' ବାପାଙ୍କ ମୃତ୍ୟୁ ପରେ ପରିବାରର ଆର୍ଥିକସ୍ଥିତି ଭୁଶୁଡ଼ି ପଡ଼ିଥିଲା। ପରିବାରରେ ଜେଜେମା'ଙ୍କ ସହ ତିନି ପୁଅ ଏବଂ ଗୋଟିଏ ଝିଅ ରହୁଛନ୍ତି। ବୃଦ୍ଧା ଜେଜେମାଙ୍କ ପାଇଁ ପରିବାର ଚଳାଇବା ମଧ୍ୟ କଷ୍ଟସାଧ ହୋଇପଡ଼ିଛି। ଜାନକୀନଗର ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ତନୁଶ୍ରୀ ଭାରତି ଦାସଙ୍କ ପ୍ରୟାସରେ ଛାତ୍ରମାନଙ୍କ ପାଇଁ ଶିଶୁ ମଙ୍ଗଳ କମିଟିର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ଅଜନ୍ତା ଶୁଭଦର୍ଶିନୀ ଓ କମିଟି କର୍ମକର୍ତ୍ତା ଛାତ୍ରମାନଙ୍କର ସମସ୍ତ ପରିସ୍ଥିତି ତର୍ଜମା କରିଥିଲେ। ଏହାପରେ ଆବାସିକ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ନିଷ୍ପତ୍ତି ନେଇ ଏହାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଯେଉଁଠାରେ ସମସ୍ତ ଆନୁସଙ୍ଗିକ ସୁବିଧା ସେମାନେ ମାଗଣାରେ ପାଇପାରିବେ। ଅନାଥ ପିଲାମାନେ ସେମାନେ ଉପଯୁକ୍ତ ନଥିପତ୍ର ଦାଖଲ କରି ଏହି ସୁବିଧା ପାଇପାରିବେ ବୋଲି ଅଧ୍ୟକ୍ଷା ସୂଚନା ଦେଇଛନ୍ତି। ଏହି ବୈଠକରେ ଜାନକୀନଗର ସ୍କୁଲ ଶିକ୍ଷକ ବିକ୍ରମ ଦାଶ, ସିଡବ୍ଲ୍ୟୁସି ସଦସ୍ୟ ସନ୍ତୋଷ ଷଡଙ୍ଗୀ, ବିଜୟଲକ୍ଷ୍ମୀ ସାହୁ, ରବୀନ୍ଦ୍ର ପ୍ରଧାନ, ଅନୀତା ହୋତା ଏବଂ ଏଡିଇଓ ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୮୭ତମ ସିଆର୍‌ପିଏଫ୍ ସ୍ଥାପନା ଦିବସ


ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ନବରଙ୍ଗପୁର, ୧୯।୩
(ସଦାଶିବ ପ୍ରହରାଜ)

୮୭ତମ ସିଆରପିଏଫ୍ ଦିବସ ଗୁରୁବାର ନବରଙ୍ଗପୁରସ୍ଥିତ ୧୨ ବାଟାଲିୟନ ସିଆର୍‌ପିଏଫ୍ ପକ୍ଷରୁ ପାଳିତ ହୋଇଛି। ସ୍ଥାପନା ଦିବସ ଅବସରରେ ସିଆର୍‌ପିଏଫ୍ ଅମର ଶହୀଦଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି କମାଣ୍ଡାଣ୍ଟ ନନ୍ଦ କିଶୋର କୁମାର ପ୍ରସାଦ, ଟୁଆଇସି କେ. କେ. ସିଂହ, ଡେପୁଟି କମାଣ୍ଡାଣ୍ଟ ରାଜୀବ କୁମାର, ଏ.ସି. ଅନୀଲ କୁମାର, ପି.କେ. ସାହୁ ଓ ଅନ୍ୟ ଅଧିକାରୀ ଏବଂ ସମସ୍ତ ଯବାନ ଉପସ୍ଥିତ ଥିଲେ।

# ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ

ଜୟପୁର, ୧୯।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଯାଦବ ଭବନରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖା ସଭାପତି ମଦନ ମୋହନ ନାୟକଙ୍କ ପୌରୋହିତ୍ୟରେ ସମ୍ପାଦକ ନବୀନ ମାଦଲା ରାଜାନଗରରେ ଦିବସ ପାଳନ ନେଇ ପ୍ରସ୍ତାବ ଦେଇଥିଲେ। ଏଥିରେ ସମସ୍ତେ ସହମତ ଜଣାଇଥିଲେ। ଏଥିରେ ସାଂସ୍କୃତିକ ଅନୁଷ୍ଠାନ ସ୍ୱର ଘୁଙ୍ଗୁରର ସହାୟତା ନେବାକୁ ସମସ୍ତ କର୍ମକର୍ତ୍ତା ମତ ରଖିଥିଲେ। ବୈଠକରେ ଡା. ସୁଦର୍ଶନ ଗୌଡ଼, କବିରାଜ ପରମେଶ୍ୱର ପାତ୍ର, ବାଲା ରାୟ, ମୀନକେତନ ପରିଛା ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼ ଧନ୍ୟବାଦ ଦେଇଥିଲେ।

# ଦରଦାମ୍ ଆକଳନରେ ତ୍ରୁଟି, ମିଳୁନି ମହୁଲର ଉଚିତ ମୂଲ୍ୟ

ନବରଙ୍ଗପୁର, ୧୯।୩ (ସଦାଶିବ ପ୍ରହରାଜ)

ସରକାରଙ୍କ ଲଘୁ ବନଜାତ ଦ୍ରବ୍ୟ ମୂଲ୍ୟ ନିର୍ଦ୍ଧାରଣ ଗଳାବାଟ ଓ ସରକାରୀ ବାବୁଙ୍କ ଚିରାଚରିତ ଅବହେଳା ଆଉ ଦାୟିତ୍ୱହୀନ କାରବାର ପାଇଁ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି ବନଜାତ ଦ୍ରବ୍ୟ ସଂଗ୍ରହକାରୀ। ଗୋଟିଏ ବନଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ପରିବାରକୁ ଉଚିତ ପ୍ରାପ୍ୟ ମିଳୁନଥିବା ବେଳେ ଅନ୍ୟପଟେ ବିପୁଳ ରାଜସ୍ୱ ହରାଉଛନ୍ତି ସରକାର। ଅତୀତରେ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ଯଥା ଝୁଣା, ମହୁ, ଦାନ୍ତକାଠି, ଶାଳ ପତ୍ର, କାଠ ଓ ଛତୁ ଆଦି ସଂଗ୍ରହ କରି ପରିବାର ଗୁଜୁରାଣ ମେଣ୍ଟାଉଥିବା ବନବାସୀ ବର୍ତ୍ତମାନ ସ୍ଥିତିରେ ରୋଜଗାର ହରାଇବାରେ ଲାଗିଛନ୍ତି । ବ୍ୟାପକ ଜଙ୍ଗଲହାନୀ ସାଙ୍ଗକୁ ସରକାରୀ ଦରଦାମ ଆକଳନରେ ତ୍ରୁଟି ବନବାସୀଙ୍କୁ ନ୍ୟାୟ ପ୍ରଦାନରେ ବାଧକ ସାଜିଛି।

ନବରଙ୍ଗପୁର ଜିଲାର ଉପାନ୍ତ ଗ୍ରାମାଞ୍ଚଳ ଜଙ୍ଗଲରୁ ବିପୁଳ ପରିମାଣର ମହୁଲ ସଂଗ୍ରହ କରାଯାଉଥିବା ବେଳେ ଏହାର ଦରଦାମ ନିର୍ଦ୍ଧାରଣ ନିୟନ୍ତ୍ରଣ ନାହିଁ। କୃଷିଜାତ ଦ୍ରବ୍ୟ ଦରଦାମ ନିୟନ୍ତ୍ରଣ ବ୍ୟବସ୍ଥା ନିୟନ୍ତ୍ରିତ ବଜାର କମିଟି ପାଖରେ ରହିଥାଏ। ମହୁଲ କ୍ରୟ ନିମନ୍ତେ ଲାଇସେନ୍ସ ପ୍ରଦାନ ବ୍ୟବସ୍ଥା ଅବକାରୀ ବିଭାଗ ନିକଟରେ ଥିବାବେଳେ ଏହାର ଦରଦାମ ନିୟନ୍ତ୍ରଣ ବ୍ୟବସ୍ଥା ପଞ୍ଚାୟତିରାଜ ବିଭାଗ ପାଖରେ ରହିଛି। ଏଥି ପାଇଁ କ୍ଷତି ସହୁଛନ୍ତି ସଂଗ୍ରହକାରୀ। ଜିଲାର ପ୍ରାୟ ୫୦ରୁ ଅଧିକ ମହୁଲ ବେପାରୀଙ୍କଠାରୁ ଅବକାରୀ ବିଭାଗ ଲକ୍ଷାଧିକ ଟଙ୍କା ଟିକସ ଆଦାୟ କରୁଥିବାବେଳେ ସଂଗ୍ରହକାରୀଙ୍କ ପ୍ରାପ୍ୟ ବାବଦରେ ପଦକ୍ଷେପ ନେବାପାଇଁ କ୍ଷମତା ନାହିଁ। ଅଧିକାଂଶ ବେପାରୀ ନିଜ ଇଚ୍ଛାନୁସାରେ ମହୁଲ ମୂଲ୍ୟ ନିର୍ଦ୍ଧାରଣ କରୁଥିବାରୁ ସଂଗ୍ରହକାରୀ ପ୍ରଭାବିତ ହେଉଛନ୍ତି । ଅନ୍ୟପକ୍ଷରେ ବିନା ଲାଇସେନ୍ସରେ ମଧ୍ୟ ଅସାଧୁ ବ୍ୟବସାୟୀ ମହୁଲ କିଣୁଥିବାବେଳେ ସରକାରଙ୍କ ନିୟନ୍ତ୍ରଣ ବାହାରେ ରହି ନିଜ ଇଚ୍ଛାରେ କାରବାର ଚଳାଇଛନ୍ତି। ଯେଉଁଥିରେ ସରକାର ରାଜସ୍ୱ ହରାଉଛନ୍ତି। ସେହିଭଳି ବେଆଇନ ଭାବରେ ପଡ଼ୋଶୀ ଛତିଶଗଡ଼କୁ ମହୁଲ ଚାଲାଣ ହେଉଥିବାବେଳେ ସରକାରଙ୍କ ନିୟନ୍ତ୍ରଣ ବାହାରେ ରହିଛି ଧାରପଗଡ଼ ବ୍ୟବସ୍ଥା। ତେବେ ପଡୋଶୀ ଛତିଶଗଡ ରାଜ୍ୟରେ ଏହି ବ୍ୟବସ୍ଥାରେ ସରଳିକରଣ ପାଇଁ ଉଭୟ ସଂଗ୍ରହକାରୀ ଓ ସରକାର ଉପକୃତ ହେଉଥିବା ବେଳେ ଓଡିଶାରେ ଏହି ବ୍ୟବସ୍ଥା ପୁରା ଓଲଟା। ତେବେ ଛତିଶଗଡ ଢାଞ୍ଚାରେ ମହୁଲ କାରବାର ନିୟମାବଳୀ ପ୍ରଚଳନ ନିମନ୍ତେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଦାବି କରିଥିଲେ। ଯେଉଁଥିରେ ଉଭୟ ପକ୍ଷ ଲାଭବାନ ହେବେ। ବର୍ତ୍ତମାନର ଦରଦାମ ନିୟନ୍ତ୍ରଣ ବ୍ୟବସ୍ଥାର ପରିବର୍ତ୍ତନ ସହ ସରଳିକରଣ କରାଗଲେ ବ୍ୟବସାୟୀ ଲାଭ ଓ ସରକାର ସଠିକ ରାଜସ୍ୱ ପାଇବେ। ସଂଗ୍ରହକାରୀଙ୍କୁ ମଧ୍ୟ ଉପଯୁକ୍ତ ନ୍ୟାୟ ମିଳିପାରିବ ବୋଲି କୁହାଯାଉଛି।


ମହୁଲ ସଂଗ୍ରହକାରୀ।

# ଭଲ ଚାଷ, ଦୈବୀ ଦୁର୍ବିପାକ ହେଉ ନ ଥିବା ବିଶ୍ୱାସ

**ପ୍ରତି ୩ବର୍ଷରେ ପାଳନ ହୁଏ ପୂଜାରିଗୁଡ଼ା ବାଲିଯାତ୍ରା**

ତେନ୍ତୁଳିଖୁଣ୍ଟି, ୧୯।୩(ଚିଦାନନ୍ଦ ସାହୁ)


ବାଲି ଚାଙ୍ଗୁଡ଼ିକୁ ପୂଜା କରାଯାଉଛି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡ଼ାରେ ବାଲିଯାତ୍ରା ଅନୁଷ୍ଠିତ ହୋଇଛି। ଏହି ବାଲିଯାତ୍ରା ପ୍ରତି ୩ ବର୍ଷରେ ଥରେ ପାଳିତ ହୁଏ। ଏହି ବାଲି ଯାତ୍ରା ହେଲେ ଚାଷ ଭଲ ହେବା ସହିତ କୌଣସି ଦୈବୀ ଦୁର୍ବିପାକ ହେଉ ନ ଥିବା ବିଶ୍ୱାସ ରହିଛି।

ସବୁଥର ଭଳି ଚଳିତବର୍ଷ ମଧ୍ୟ ୯ ଦିନ ଆଗରୁ ବାଲି ଅଣାଯାଇଥିଲା। ଜାନିଙ୍କ ଘରେ ରଖାଯାଇଥିବା ବାଲିରେ ବିହନ ପକାଇ ୯ ଦିନ ପର୍ଯ୍ୟନ୍ତ ଗୁରୁମାଇ ସବୁଦିନ ସନ୍ଧ୍ୟାରେ ପୂଜା କରୁଥିଲେ। ଶେଷ ଦିନରେ ବାଲି ଚାଙ୍ଗୁଡ଼ି ଧରି ଗ୍ରାମର ଝିଅ ବୋହୁମାନେ ବାଦ୍ୟର ତାଳେତାଳେ ନାଚଗୀତ କରି ପାଟୁଆରରେ ଯାଇଥିଲେ। ପୀଠରେ ପହଞ୍ଚି ସମସ୍ତ ବାଲି ଚାଙ୍ଗୁଡ଼ି ଓ ଲଙ୍ଗଳ, ଜୁଆଡ଼ି, ଚାଷ ସରଞ୍ଜାମ ସବୁ ବିସର୍ଜନ କରିଥିଲେ। ଗ୍ରାମର ସମସ୍ତେ ବାଲିଯାତ୍ରାରେ ସାମିଲ ହୋଇଥିଲେ। ଗ୍ରାମର ପ୍ରତ୍ୟେକ ପରିବାରରେ ବନ୍ଧୁବାନ୍ଧବଙ୍କ ଗହଳି ଦେଖିବାକୁ ମିଳିଥିଲା। ଦୂରଦୂରାନ୍ତରୁ ବ୍ୟବସାୟୀଙ୍କ ସମାଗମ ହୋଇଥିଲା। ଜିନିଷ କିଣିବାକୁ ପଡ଼ିଆରେ ଆହୁରି ଗହଳି ହୋଇଥିଲା। ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ନୃତ୍ୟର ଆୟୋଜନ କରାଯାଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଭାଜପା, ବିଜେଡି ଓ କଂଗ୍ରେସର ନେତା ଓ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଗ୍ରାମର ମହିଳା ଓ ଯୁବକମାନେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳାର ସହ ବାଲିଯାତ୍ରା ସମାପନ ହୋଇଥିଲା। ଏହି ବାଲିଯାତ୍ରା ମୁଖ୍ୟତଃ କୃଷି ଭିତ୍ତିକ ହୋଇଥିବା ବେଳେ ଆଦିବାସୀ ଅଞ୍ଚଳରେ କୃଷି କାର୍ଯ୍ୟ ଏବଂ ଗ୍ରାମର ଉନ୍ନତି ପାଇଁ ଏହା କରାଯାଉଛି। ସମାଜକୁ ଏକତା ସୂତ୍ରରେ ବାନ୍ଧିବାକୁ ଏହା ଏକ ପ୍ରୟାସ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

